# NATIONAL NEWS BULLETIN (ODIA)

**16 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆତ୍ମନିର୍ଭର ଭାରତ ଗଠନରେ ଷ୍ଟାର୍ଟଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି - କହିଲେ ପ୍ରଧାନମନ୍ତ୍ରୀ ।

- ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପର ଆଜି ୧୦ବର୍ଷ ପୂର୍ତ୍ତି ଅବସରରେ ନବସୃଜନକାରୀ ଯୁବପିଢ଼ିଙ୍କୁ କଲେ ପ୍ରଶଂସା ।

- ନକଲି, ଅନଧିକୃତ ଓ ନିମ୍ନମାନର ମଞ୍ଜିବିକ୍ରି ଉପରେ ରୋକ ଲଗାଇବା ଲକ୍ଷ୍ୟରେ ସଂସଦର ଆଗାମୀ ଅଧିବେଶନରେ ଆସିବ ବୀଜ ଅଧିନିୟମ ୨୦୨୬ ।

- ପର୍ବପର୍ବାଣି ସମାଜର ବିଭିନ୍ନ ବର୍ଗଙ୍କୁ ଏକାଠି କରି ସାମୁହିକ ଦୂରଦୃଷ୍ଟି ଭିତ୍ତିରେ ଆଗକୁ ବଢ଼ିବାର ବାର୍ତ୍ତା ଦେଇଥାଏ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଆଜି ଗୁଜରାଟ ଜାଏଣ୍ଟସ୍ ଓ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ହେବ ମ୍ୟାଚ୍ ।

---

# ପିଏମ୍-ଷ୍ଟାଟ୍ଅପ୍

ଷ୍ଟାଟ୍ଅପ୍ ଇଣ୍ଡିଆ ପଦକ୍ଷେପର ଆଜି ୧୦ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଷ୍ଟାଟ୍ଅପ୍ ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ବିଶ୍ୱ ଷ୍ଟାଟ୍ଅପ୍ ଇକୋ ସିଷ୍ଟମରେ ଭାରତର ସ୍ଥିତିକୁ ସୁଦୃଢ଼ କରିଥିବା ଯୁବପିଢ଼ିଙ୍କ ସାହସ, ନବସୃଜନ ଏବଂ ଉଦ୍ୟୋଗୀ ମନୋଭାବ ସର୍ବଦା ପ୍ରଶଂସନୀୟ । ରିଫର୍ମ ଏକ୍ସପ୍ରେସ୍ ଇଣ୍ଡିଆ ଆରମ୍ଭ କରିଥିବା ଷ୍ଟାଟ୍ଅପ୍ ପାଇଁ ମହାକାଶ ଏବଂ ପ୍ରତିରକ୍ଷା ଭଳି ନୂତନ କ୍ଷେତ୍ରରେ ଉଦ୍ୟମ ଅତ୍ୟନ୍ତ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଯୁବ ଉଦ୍‌ଭାବକମାନଙ୍କୁ ସମର୍ଥନ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଆତ୍ମନିର୍ଭର ଭାରତ ଗଠନରେ ଷ୍ଟାଟ୍ଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସରକାର ଦେଶର ଷ୍ଟାଟ୍ଅପ୍ ଇକୋ ସିଷ୍ଟମକୁ ଅଧିକ ମଜଭୁତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହ କାର୍ଯ୍ୟ କରୁଛନ୍ତି । ଷ୍ଟାଟ୍ଅପ୍ ଗୁଡ଼ିକୁ ପରିପୁଷ୍ଟ କରିବାରେ ସହାୟକ ହୋଇଥିବା ପରାମର୍ଶଦାତା, ଉନ୍ମେଷକ, ନିବେଶକ ଏବଂ ଶିକ୍ଷାନୁଷ୍ଠାନର ଅବଦାନକୁ ସ୍ୱୀକୃତି ଦେଇ ପ୍ରଧାନମନ୍ତ୍ରୀ ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ମସିହା ଜାନୁଆରୀ ୧୬ ତାରିଖରେ ନବସୃଜନକୁ ପୋଷଣ କରିବା, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ତଥା ନିବେଶ-ଚାଳିତ ଅଭିବୃଦ୍ଧିକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଜାତୀୟ କାର୍ଯ୍ୟକ୍ରମ ଭାବରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ କରିଥିଲେ।

# ପୀୟୁଷ ଗୋଏଲ-ଷ୍ଟାଟ୍ଅପ୍ ଇଣ୍ଡିଆ

ଭାରତର ଷ୍ଟାଟ୍ଅପ୍ ଇକୋ ସିଷ୍ଟମ ଗତ ଦଶନ୍ଧି ମଧ୍ୟରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହା ନବସୃଜନ, ନମନୀୟତା ଏବଂ ବିଶ୍ୱ ସ୍ୱୀକୃତି ଯାତ୍ରାକୁ ଷ୍ଟାଟ୍ଅପ୍ ପ୍ରତିଫଳିତ କରୁଛି ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ଆଜି ଦଶମ ଜାତୀୟ ଷ୍ଟାଟ୍ଅପ୍ ଦିବସ ଅବସରରେ ଉଦ୍ୟୋଗୀ, ଉଦ୍‌ଭାବକ ଏବଂ ଶିଳ୍ପ ନେତୃବର୍ଗଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଗୋଏଲ ଭାରତର ଷ୍ଟାଟ୍ଅପ୍ ଯାତ୍ରାକୁ ସଫଳତା, ଅଭିବୃଦ୍ଧି, ପରୀକ୍ଷା ଏବଂ ବିଜୟର ଏକ ଅବିଶ୍ୱସନୀୟ ଗାଥା ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଭାରତ ଆଜି ଏକ କ୍ଷୁଦ୍ର ମଞ୍ଚିରୁ ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାଟ୍ଅପ୍ ଇକୋ ସିଷ୍ଟମକୁ ଉନ୍ନୀତ ହୋଇଛି । ଭାରତର ଷ୍ଟାଟ୍ଅପ୍ ଯାତ୍ରାର ଅଂଶବିଶେଷ ହୋଇଥିବା ଦେଶର ଯୁବକଯୁବତୀମାନଙ୍କୁ ସେ ପ୍ରଶଂସା କରି କହିଛନ୍ତି, ପ୍ରତ୍ୟେକ ସଫଳ ଷ୍ଟାଟ୍ଅପ୍ ପଛରେ ଯୁବପିଢ଼ିଙ୍କ ଅଧ୍ୟବସାୟ ଜଡିତ ରହିଛି ।

# ଶିବରାଜ-ସିଡ୍ସ

ସଂସଦର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାର ବୀଜ ଅଧିନିୟମ ୨୦୨୬ ଆଣିବେ ବୋଲି କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ନିମ୍ନମାନ, ନକଲି ଏବଂ ଅନଧିକୃତ ମଞ୍ଜି ବିକ୍ରି ଉପରେ ରୋକ ଲଗାଇବା ଏହି ଆଇନ୍‌ର ଉଦ୍ଦେଶ୍ୟ । ଏହି ଆଇନ୍ ମାଧ୍ୟମରେ କୃଷକମାନଙ୍କ ପାଇଁ ଉଚ୍ଚ ଗୁଣବତ୍ତା, ପ୍ରମାଣିତ ମଞ୍ଜି ସୁନିଶ୍ଚିତ କରିବା, ନିମ୍ନମାନର ନିବେଶ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରାଯିବା ସହ ଜଳବାୟୁ ନମନୀୟ କିସମଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ।

**V/O (Shivraj Singh Chouhan)**

ଏହି ନୂତନ ଆଇନ୍ ସମ୍ପୂର୍ଣ୍ଣ ଅନୁସନ୍ଧାନକୁ ସୁନିଶ୍ଚିତ କରିବ, ଯାହାଦ୍ୱାରା ମଞ୍ଜି କେଉଁଠାରୁ ଆସିଛି ଏବଂ କିଏ ଯୋଗାଇ ଦେଇଛି ତାହା କୃଷକମାନେ ଜାଣିପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଅମିତ ଶାହା-କାଇଟ୍ ଫେଷ୍ଟିଭାଲ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ମକର ସଂକ୍ରାନ୍ତି କୃଷକମାନଙ୍କର ଏକ ପର୍ବ ଏବଂ ସେମାନେ ଏହିଦିନରୁ ନୂତନ ବର୍ଷ ଆରମ୍ଭ କରନ୍ତି । ଆଜି ନୂଆଦିଲ୍ଲୀରେ ତୃତୀୟ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବ ୨୦୨୬କୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି କବି କାଳିଦାସ ଭାରତ ପାଇଁ ଏକ ସୁନ୍ଦର ବାକ୍ୟ ବ୍ୟବହାର କରିଛନ୍ତି । ଉତ୍ସବ ପ୍ରିୟଜନ ଅର୍ଥାତ୍ ଭାରତର ଲୋକମାନେ ପର୍ବପର୍ବାଣିକୁ ଭଲପାଆନ୍ତି । ପ୍ରତ୍ୟେକ ଋତୁରେ ଏବଂ ସବୁ ସମୟରେ ଦେଶର ଲୋକମାନେ ପର୍ବପର୍ବାଣିର ଆୟୋଜନ କରିଥାନ୍ତି । ପର୍ବପର୍ବାଣି ମାଧ୍ୟମରେ ସମଗ୍ର ସମାଜ ଏକାଠି ହୋଇ ସାମୁହିକ ଦୂରଦୃଷ୍ଟି ଭିତ୍ତିରେ ଆଗକୁ ବଢ଼ିଥାଏ । ସୂର୍ଯ୍ୟନାରାୟଣଙ୍କ

ଉତ୍ତରାୟଣ ପର୍ବ ସେହି ପରମ୍ପରାର ଏକ ଅଂଶବିଶେଷ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Amit Saha-New Delhi Day)**

ମକର ସଂକ୍ରାନ୍ତି, ପୋଙ୍ଗଲ, ଲୋହରୀ, ମାଘବିହୁ ଏବଂ ଉତ୍ତରାୟଣ ଅବସରରେ ଦେଶର ସମସ୍ତ ଜନସାଧାରଣ ବିଶେଷକରି କୃଷକମାନଙ୍କୁ ଶ୍ରୀ ଶାହା ଶୁଭେଚ୍ଛା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଉପସ୍ଥିତ ଥିଲେ ।

# ହଜ୍-ଡେଟ୍ ଏକ୍ସଟେନ୍‌ସନ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ହଜ୍ ଯାତ୍ରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଠାରୁ ବିଭିନ୍ନ ପ୍ରକାର ଔପଚାରିକତା ପୂରଣ କରିବା ପାଇଁ ଅତିରିକ୍ତ ସମୟ ଦେବା ନିମନ୍ତେ ଆବେଦନ ପାଇବା ପରେ ଏକ ପରାମର୍ଶବଳୀ ଜାରି କରାଯାଇଛି। ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ ଚଳିତ ମାସର ୨୫ ତାରିଖ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଛି । ଯାହାଫଳରେ ନାନା ଆବଶ୍ୟକତା ପୂରଣ କରାଯାଇପାରିବ ଏବଂ କୌଣସି ପରିସ୍ଥିତିରେ ଆଉ ସମୟ ବୃଦ୍ଧି କରାଯିବ ନାହିଁ। ଏହି ବର୍ଦ୍ଧିତ ସମୟ ମଧ୍ୟରେ ହଜ୍ ଯାତ୍ରୀମାନଙ୍କୁ ତୀର୍ଥଯାତ୍ରା ପାଇଁ ବୁକିଂ ପ୍ରକ୍ରିୟା ସମାପ୍ତ ସହ ସେମାନଙ୍କ ବୈଧ ପାସପୋର୍ଟ୍ ଭାରତୀୟ ହଜ୍ କମିଟି କିମ୍ବା ହଜ୍ ଗୋଷ୍ଠୀ ଆୟୋଜକଙ୍କ ନିକଟରେ ଦାଖଲ କରିବାକୁ ପଡିବ ।

ସୂଚନା ଅନୁଯାୟୀ ୨୫ ତାରିଖ ସୁଦ୍ଧା ହଜ୍ ଯାତ୍ରୀମାନଙ୍କୁ ନୁସୁକ୍ ପୋର୍ଟାଲ୍‌ରେ ବୋର୍ଡିଂ ନିଶ୍ଚିତ କରିବାକୁ ପଡିବ।

## ଏନ୍‌ଟିଏ ଜେଇଇ ମେନ୍-ବେଙ୍ଗଲ

ସରସ୍ୱତୀ ପୂଜାକୁ ଦୃଷ୍ଟିରେ ରଖି ଜାତୀୟ ପରୀକ୍ଷଣ ସଂସ୍ଥା ଆସନ୍ତା ୨୩ ତାରିଖରେ ପଶ୍ଚିମବଙ୍ଗରେ ହେବାକୁ ଥିବା ଜେଇଇ ମୁଖ୍ୟ ପରୀକ୍ଷା ପ୍ରଥମ ଅଧିବେଶନକୁ ଘୁଞ୍ଚାଇ ଦିଆଯାଇଛି । ପରୀକ୍ଷା ଦେବାକୁ ଥିବା ସମସ୍ତ ପ୍ରାର୍ଥୀଙ୍କୁ ଅନ୍ୟ ଏକ ପରୀକ୍ଷା ତାରିଖ ସମ୍ବନ୍ଧରେ ଜଣାଇ ଦିଆଯିବ। ସାମାଜିକ ପୋଷ୍ଟରେ ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି, ପଶ୍ଚିମବଙ୍ଗର ପ୍ରାର୍ଥୀମାନଙ୍କଠାରୁ ସରସ୍ୱତୀ ପୂଜା ପାଳନ ନେଇ ଅନେକ ଆବେଦନ ମିଳିବା ପରେ ପରୀକ୍ଷା ତାରିଖ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନିଆଯାଇଛି । ଅନ୍ୟ କୌଣସି ସୂଚନା ପାଇଁ ପରୀକ୍ଷାର୍ଥୀମାନେ **jeemain@nta.ac.in**ରେ ଇ-ମେଲ୍ କରିପାରିବେ କିମ୍ବା **011-40759000** ଟେଲିଫୋନ୍ ନମ୍ବରରେ ସୂଚନା ପାଇପାରିବେ ।

## ଏସ୍‌ଆଇଆର୍ ଡେଡ୍‌ଲାଇନ୍ ଏକ୍ସଟେଣ୍ଡେଡ୍

ନିର୍ବାଚନ କମିଶନ ଗୋଆ, ଲାକ୍ଷାଦ୍ୱୀପ, ରାଜସ୍ଥାନ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକାର ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ସମୟସୀମା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ

ଭୋଟରମାନେ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତି ଦାଖଲ କରିପାରିବେ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଜରିଆରେ ନିର୍ବାଚନ କମିଶନ କହିଛନ୍ତି, ବିଭିନ୍ନ ପ୍ରାସଙ୍ଗିକ କାରଣଗୁଡ଼ିକୁ ବିଚାର କରି ସମୟସୀମା ବୃଦ୍ଧି କରାଯାଇଛି।

## ୟୁଏନ୍-ଇରାନ୍ ମିଟିଂ

ବିକ୍ଷୋଭକାରୀଙ୍କ ଉପରେ ହିଂସାତ୍ମକ ଦମନକୁ ରୋକିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଉପରେ ବିଚାର କରାଯାଉଛି ବୋଲି ଆମେରିକା ଇରାନ୍‌କୁ ଚେତାବନୀ ଦେଇଛି। ଗତକାଲି ରାତିରେ ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ଅଧିବେଶନରେ ଆମେରିକାର ସ୍ଥାୟୀ ପ୍ରତିନିଧି ମାଇକ୍ ଓ୍ୱାଲ୍‌ଜ୍ କହିଛନ୍ତି, ବିକ୍ଷୋଭକାରୀଙ୍କ ହତ୍ୟା ବନ୍ଦ କରିବା ପାଇଁ ସମସ୍ତ ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ ହୋଇଥିବା ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ଇରାନ୍‌ର ଉପ ସ୍ଥାୟୀ ପ୍ରତିନିଧି ଘୋଲାମ ହୋସେନ ଦାର୍‌ଜି କହିଛନ୍ତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆକ୍ରମଣର ଯେକୌଣସି କାର୍ଯ୍ୟକୁ ନିର୍ଣ୍ଣାୟକ, ଆନୁପାତିକ ଏବଂ ଆଇନ୍‌ଗତ ଜବାବ ଦିଆଯିବ ।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକାର ଚାପ ପରେ ତେହରାନ ବିକ୍ଷୋଭକାରୀଙ୍କ ଧମକପୂର୍ଣ୍ଣ ମୃତ୍ୟୁଦଣ୍ଡ ବନ୍ଦ କରିବାର ସଂକେତ ଦେଇଛି। ପରିଷଦକୁ ସୂଚନା ଦେଇଥିବା ମିଳିତ ଜାତିସଂଘର ସହକାରୀ ମହାସଚିବ ମାର୍ଥା ପୋବି

କହିଛନ୍ତି ଯେ ମୁଦ୍ରାସ୍ଫୀତି ଏବଂ ହ୍ରାସ ପାଉଥିବା ମୁଦ୍ରା ରିୟାଲ ପରିଚାଳିତ ବିକ୍ଷୋଭ ଗତ ସପ୍ତାହ ତୁଳନାରେ କମିଥିବା ନଜରକୁ ଆସିଛି । ତେବେ ରୁଷ୍ ଏବଂ ଚୀନ୍ ଇରାନକୁ ସମର୍ଥନ କରି ଯେକୌଣସି ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକାକୁ ସମାଲୋଚନା କରିଛନ୍ତି ।

## ଜେକେ-ଆଇଇଡି

ଜାମ୍ମୁ କାଶ୍ମୀରର ରଜୌରି ଜିଲ୍ଲା ମଞ୍ଜାକୋଟ୍ ଥାନା ଅନ୍ତର୍ଗତ କାକୋରା ଗ୍ରାମ ସୀମାରେ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାବାହିନୀ ଅତ୍ୟାଧୁନିକ ବିସ୍ଫୋରକ ସାମଗ୍ରୀ - ଆଇଇଡିକୁ ନିଷ୍କ୍ରିୟ କରିଛନ୍ତି । ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା ବାହିନୀ ସ୍ଥାନୀୟ ଅଞ୍ଚଳରେ ଲୁକ୍କାୟିତ ଭାବେ ରଖାଯାଇଥିବା ଏକ ବ୍ୟାଗ୍‌କୁ ଉଦ୍ଧାର କରିଥିଲେ । ଯାଞ୍ଚବେଳେ ବ୍ୟାଗ୍ ଭିତରୁ ସାଢ଼େ ୩ କିଲୋଗ୍ରାମ ଓଜନର ଏକ ଆଇଇଡି ମିଳିଥିଲା । ପରେ ଏହାକୁ ବୋମା ନିଷ୍କ୍ରିୟକାରୀ ଦଳ ସୁରକ୍ଷିତ ଭାବରେ ବିସ୍ଫୋରଣ ଘଟାଇଥିଲେ । ଏହି ଘଟଣାରେ କେହି ମୃତାହତ ହୋଇନଥିବା କିମ୍ବା କୌଣସି ସମ୍ପତ୍ତି ନଷ୍ଟ ହୋଇନଥିବା ସେନାପକ୍ଷରୁ କୁହାଯାଇଛି । ଆଇଇଡି ମିଳିବା ପରେ ସେନାପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି ।

# ବାଲୁଚିସ୍ତାନ-କିଲ୍ଡ

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ପାକ୍ ସମର୍ଥିତ ଆତ୍ମଘାତୀ ସ୍କ୍ୱାର୍ଡ ନିକଟରେ ୩ଜଣ ବାଲୁଚି ନାଗରିକଙ୍କୁ ହତ୍ୟା କରିଥିବା ସେଠାକାର ଏକ ପ୍ରମୁଖ ମାନବାଧିକାର ସଂଗଠନ ଅଭିଯୋଗ କରିଛି । ଆତ୍ମଘାତୀ ଆକ୍ରମଣକାରୀମାନେ ମୁଲା ରଜାକ, ଜୋହେବ ଅହମ୍ମଦ ଏବଂ ଜରିଫ ବାଲୁଚ୍‌ଙ୍କୁ ପ୍ରଥମେ ଅପହରଣ କରିନେଇଥିଲେ । ଏହା ପରେ ପରେ ସେମାନଙ୍କ ଗୁଳିବିଦ୍ଧ ମୃତଦେହ ଦେଖିବାକୁ ମିଳିଥିଲା । ଏହି ଅଞ୍ଚଳରେ ବଳପୂର୍ବକ ଅପହରଣ ଏବଂ ହତ୍ୟାକାଣ୍ଡର ନିରନ୍ତର ଘଟଣା ଦେଖିବାକୁ ମିଳୁଥିବା ମାନବାଧିକାର ସଂଗଠନ ପାଙ୍କ୍ କହିଛି ।

# ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ, ଆଜି ନଭି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ କ୍ରୀଡ଼ା ଏକାଡେମୀ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜରାଟ ଜାଏଣ୍ଟସ୍ ଓ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ୱାରିୟର୍ସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା ।

# ପାଣିପାଗ

ଦେଶରେ ଶୀତଲହରୀ ଜାରି ରହିଛି । ଆଜି ଦିଲ୍ଲୀ, ହରିୟାଣା, ଚଣ୍ଡିଗଡ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶରେ ଅତି ଘନକୁହୁଡି ସ୍ଥିତି ନେଇ ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି । ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଆସାମ, ମେଘାଳୟ, ବିହାର, ହିମାଚଳପ୍ରଦେଶ, ଜାମ୍ମୁକାଶ୍ମୀର, ଲଦାଖ, ପଶ୍ଚିମବଙ୍ଗ ଏବଂ ସିକ୍କିମର ବିଭିନ୍ନ ସ୍ଥାନରେ ଘନକୁହୁଡି ହେବା ନେଇ ଆଇଏମ୍‌ଡି ପୂର୍ବାନୁମାନ କରିଛି ।